ଆରବିଆଇ/ ୨୦୦୪-୦୫/୩୪୭
ନଂ.ସିଓ.ଡ଼ିଟି.୧୩.୦୧.୨୯୯/ଏଚ୍.୬୨୮୪-୬୩୧୩/୨୦୦୪-୦୫

ଜାନୁୟାରୀ ୧୫,୨୦୦୫

ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ
ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ଏହାର ସହଯୋଗୀ ବ୍ୟାଙ୍କ ଓ ୧୭ଟି ଜାତୀୟ କରଣ ବ୍ୟାଙ୍କ
ପରିଚାଳନା ନିର୍ଦ୍ଦେଶକ
ଆଇସିଆଇସିଆଇ/ଆଇଡ଼ିବିଆଇ/ଏଚଡ଼ିଏଫ୍‌ସି/ୟୁଟିଆଇ ବ୍ୟାଙ୍କ୍ ଲିମିଟେଡ୍ ଷ୍ଟକ ହୋଲଡ଼ିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍

ପ୍ରିୟ ମହାଶୟ,

**ରିଲିଫ/ସଞ୍ଚୟ ବଣ୍ଡ ଯୋଜନା -ପରିପକ୍ୱ ବଣ୍ଡ ପାଇଁ ପେମେଣ୍ଟ ଅର୍ଡର/ଡ୍ରାଫ୍ଟ ଜାରୀ**

ଆମ୍ଭେ ଉପରୋକ୍ତ ବଣ୍ଡର ଯୁଗ୍ମ ଧାରକ ମାନଙ୍କ ଠାରୁ ପ୍ରସ୍ତାବମାନ ପାଇ ଆସୁଛୁ ଯେ ରିଲିଫ ବଣ୍ଡ/ସଞ୍ଚୟ ବଣ୍ଡର ପରିପକ୍ୱ ରାଶି ରୂପେ ମିଳୁଥିବା ପେମେଣ୍ଟ ଅର୍ଡର ବର୍ତ୍ତମାନ ପ୍ରଚଳିତ ପ୍ରଥା ଅନୁଯାୟୀ ଜାରୀ କରାନଯାଇ ଯୁଗ୍ମ ଧାରକଙ୍କ ମଧ୍ୟରୁ ଜଣକ ନାମରେ ଜାରୀ କରାଯିବା ଆବଶ୍ୟକ । ଏହି ବିଷୟ ଆମ୍ଭେ ବିଚାର କରିଛୁ ଏବଂ ନିମ୍ନମତେ ସ୍ପଷ୍ଟୀକରଣ ଦେଉଛୁ । ' ଭାରତୀୟ ଚୁକ୍ତି ଅଧିନିୟମ ୧୮୭୨ର ଧାରା ୪୫ରେ ଯୌଥ କ୍ଷେତ୍ରରେ ଅଧିକାରର ହସ୍ତାନ୍ତର ବିଷୟରେ ଆଲୋଚନା କରାଯାଇଛି । ଏଥିରେ ବିପରୀତ ଉଦ୍ଦେଶ୍ୟ ପ୍ରକାଶ କରିବାର ବ୍ୟବସ୍ଥା ପ୍ରଦତ୍ତ ହୋଇଅଛି। ଯୁଗ୍ମ ଧାରକଙ୍କ କ୍ଷମତାପତ୍ରରୁ ସଂପାଦନ କରୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟ ପ୍ରକାଶ ପାଏ, ତେଣୁ ଯୁଗ୍ମ ଧାରକଙ୍କ କ୍ଷମତାପତ୍ରର ନିର୍ଦ୍ଦିଷ୍ଟ ପଦ୍ଧତିରେ ଯେଉଁ ବ୍ୟକ୍ତିଙ୍କ ସପକ୍ଷରେ ଅନ୍ୟମାନଙ୍କ ଦ୍ୱାରା କ୍ଷମତାପତ୍ର ଦିଆଯାଇଥିବ, ତାଙ୍କ ନାମରେ ବଣ୍ଡର ପରିପକ୍ୱ ରାଶି ପ୍ରଦାନ କ୍ଷେତ୍ରରେ କୌଣସି ଆପତ୍ତି ଗ୍ରହଣୀୟ ନୁହେଁ । ଅନ୍ୟ ଯୁଗ୍ମ ଧାରକ ମାନେ ଜଣେ ଯୁଗ୍ମ ଧାରକଙ୍କ ସପକ୍ଷରେ କ୍ଷମତାପତ୍ର ଦେଇଥିଲେ, କ୍ଷମତାପତ୍ର ଧାରୀଙ୍କ ସପକ୍ଷରେ ପେମେଣ୍ଟ ଅର୍ଡର ଜାରୀ କରିବା ଆଇନ ସିଦ୍ଧ ଅଟେ ।

୨. ଉପରୋକ୍ତ ନିଷ୍ପତ୍ତି କ୍ରମେ ଏବଂ ଉନ୍ନତ ଗ୍ରାହକ ସେବା ପ୍ରଦାନ ଲକ୍ଷ୍ୟରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ଯେ, ଯେଉଁ ଯୁଗ୍ମ ଧାରକଙ୍କ ସପକ୍ଷରେ ଅନ୍ୟ ସମସ୍ତ ଯୁଗ୍ମଧାରକ (ଏଥି ସହିତ ସଂଲଗ୍ନ ଥିବା) ନିର୍ଦ୍ଦିଷ୍ଟ ଫର୍ମରେ କ୍ଷମତାପତ୍ର ସଂପାଦନ କରିଥିବେ, ତାଙ୍କ ସପକ୍ଷରେ ପରିପକ୍ୱ ରାଶି ପ୍ରଦାନ ପାଇଁ ଅନୁମତି ଦିଆଯିବ । ଏଥିପୂର୍ବରୁ ଯୁଗ୍ମ ଧାରକ କ୍ଷମତାପତ୍ର ବଳରେ ଯୁଗ୍ମ ଧାରଣର ପ୍ରଥମ ନାମିତ ବ୍ୟକ୍ତିଙ୍କ ସପକ୍ଷରେ ସୁଧ ରାଶି () ପ୍ରଦାନ ପାଇଁ ଅନୁମତି ଦିଆଯାଇ ସାରିଛି । (ସେପ୍ଟେମ୍ବର ୨୦, ୨୦୦୦ର ପରିପତ୍ର ସଂ ସିଓଡ଼ିଟି ୧୩.୦୧.୨୦୧/ ୧୪୮୮/ ୨୦୦୦-୨୦୦୧ ଦ୍ରଷ୍ଟବ୍ୟ)

୩. ତେଣୁ ଯେଉଁ ଯୁଗ୍ମଧାରକଙ୍କ ସପକ୍ଷରେ ଅନ୍ୟ ସମସ୍ତ ଯୁଗ୍ମ ଧାରକଙ୍କ ଦ୍ୱାରା ସମ୍ପାଦିତ କ୍ଷମତାପତ୍ର ପ୍ରଦାନ କରାଯାଇଥିବ, ଅନୁରୋଧ ସ୍ଥଳେ ତାଙ୍କ ସପକ୍ଷରେ ପରିପକ୍ୱ ରାଶି ପ୍ରଦାନ ପାଇଁ କରାଯାଇପାରିବ।

୪. ଦୟାକରି ଯୋଜନା ପ୍ରଚଳନ କରିଥିବା ପ୍ରାଧିକୃତ ଶାଖାମାନଙ୍କୁ ଆବଶ୍ୟକ ଅନୁଦେଶ ଜାରୀ କରନ୍ତୁ ।

୫. ଦୟାକରି ପ୍ରାପ୍ତି ସ୍ୱୀକାର କରନ୍ତୁ ।

ଆପଣଙ୍କର ବିଶ୍ୱସ୍ତ

**ଡ଼ି.ରାଜଗୋପାଳ ରାଓ**
ସହାୟକ ମହାପ୍ରବନ୍ଧକ